# NATIONAL NEWS BULLETIN (ODIA)

## 16 November - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନାଇଜେରିଆ, ବ୍ରାଜିଲ ଏବଂ ଗୁଆନାକୁ ଆଜିଠାରୁ ଛଅଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀ କହିଛନ୍ତି, ବୋଡ଼ୋଲାଣ୍ଡର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି ୧୫ ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ।
- ମହାରାଷ୍ଟ୍ର ବିଧାନସଭା ପାଇଁ ଆଜି ଶେଷ ହେଉଛି ଘରୁ ଡାକ ମାଧ୍ୟମରେ ମତଦାନ ପ୍ରକ୍ରିୟା ।
- ଲେବାନନ୍‌ର ଏକ ଜରୁରୀକାଳୀନ ସହାୟତା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ୧୫ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ଚାରିଟିକିଆ ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌କୁ ୩-୧ରେ ଅକ୍ତିଆର କଲା ଭାରତ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଛଅ ଦିନିଆ  ନାଇଜେରିଆ, ବ୍ରାଜିଲ୍ ଓ ଗୁଆନା ଗସ୍ତରେ ଯିବେ । ଗସ୍ତର ପ୍ରଥମ ପର୍ଯ୍ୟାୟରେ ନାଇଜେରିଆରେ ପହଁଞ୍ଚିବେ। ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି। ଗତ ୧୭ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ନାଇଜେରିଆ ଗସ୍ତ। ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଟିନୁବୁଙ୍କ ସହିତ ଆଲୋଚନା କରିବେ । ନାଇଜେରିଆରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ଶ୍ରୀ ମୋଦୀ ମତବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ଏବଂ ନାଇଜେରିଆ ମଧ୍ୟରେ ଗତ ୨୦୦୭ ମସିହାରୁ ଆର୍ଥିକ ଶକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ ରହିଛି। ୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ କମ୍ପାନୀ ନାଇଜେରିଆର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୨୭ ବିଲିୟନ ଡଲାରରୁ ଅଧିକ ପୁଞ୍ଜିନିବେଶ କରିଛନ୍ତି। ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ଓ ୧୯ ତାରିଖ ବ୍ରାଜିଲ୍ ଗସ୍ତରେ ଯିବେ। ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ଦ୍ୱାରା ରିଓ-ଡି-ଜେନେରିଓ ଠାରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ତ୍ରିଦେଶୀୟ ଗସ୍ତର ଅନ୍ତିମ

ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତ କରିବେ । ୧୯୬୮ ମସିହା ପରେ ଗୁଆନା ଗସ୍ତ କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ।  ଗୁଆନା ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇର୍ଫାନ୍ ଅଲ୍ଲୀ ଗତବର୍ଷ ଭାରତ ଗସ୍ତରେ ଆସି ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ୧୭ତମ ପ୍ରବାସୀ ଭାରତୀୟ ଦିବସରେ ଅଂଶଗ୍ରହଣ କରିଥିଲେ । ତାଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା ।

## ପିଏମ୍-ବୋଡୋଲାଣ୍ଡ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୨୦୨୦ ମସିହାରେ ବୋଡୋ ଶାନ୍ତିଚୁକ୍ତି ଦ୍ୱାରା ବେଡୋ ସମ୍ପ୍ରଦାୟର ଲାଭ ସହିତ ଅନ୍ୟ କେତେକ ଶାନ୍ତିଚୁକ୍ତି ପାଇଁ ପଥ ଉନ୍ମୁକ୍ତ କରିଛି । ନୂଆଦିଲ୍ଲୀଠାରେ ଗତ ସନ୍ଧ୍ୟାରେ ପ୍ରଥମ ବୋଡୋଲାଣ୍ଡ ମହୋତ୍ସବକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ବୋଡୋ ଶାନ୍ତିଚୁକ୍ତି ଯୋଗୁ କେବଳ ଆସାମରେ ୧୦ ହଜାରରୁ ଅଧିକ ଯୁବକ ହିଂସାମାର୍ଗ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ବୋଡୋଲାଣ୍ଡର ବିକାଶ ପାଇଁ କେନ୍ଦ୍ର ସରକାର ୧୫ ଶହ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରିଛନ୍ତି । ଆସାମ ସରକାର ମଧ୍ୟ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।  ବୋଡୋଲାଣ୍ଡରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଭିତ୍ତିଭୂମିକ ବିକାଶ ପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ସୀମାବିବାଦର ଆପୋଷ ସମାଧାନ ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି

ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ମହାରାଷ୍ଟ୍ର କ୍ୟାମ୍ପେନିଂ

ୱାର୍ଦ୍ଧା-ନାନ୍ଦେଡ଼ ରେଳପ୍ରକଳ୍ପ ୫ ବର୍ଷ ମଧ୍ୟରେ ଶେଷ ହେବ ବୋଲି ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ୟବତମାଲ୍ ଜିଲ୍ଲାରେ ମହାୟୁତି ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଜଳସେଚନ ବ୍ୟବସ୍ଥାର ଉନ୍ନତି ଲକ୍ଷ୍ୟରେ ନଦୀସଂଯୋଗ ପ୍ରକଳ୍ପ ସହିତ ପେନ୍‌ଗଙ୍ଗା ନଦୀକୁ ସାମିଲ କରାଯିବ। ୱାକଅଫ୍ ଆଇନର ସଂସ୍କାର ଉପରେ ଗୁରୁତ୍ୱାରୋପ କରିବା ସହ ମନ୍ତ୍ରୀ ଶ୍ରୀ ଶାହା’ ଗତ ୭୦ ବର୍ଷ ଧରି କଂଗ୍ରେସ ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ଅବରୋଧ କରିଆସିଛି ବୋଲି ଅଭିଯୋଗ କରିଛନ୍ତି। ଚନ୍ଦ୍ରପୁରଠାରେ ଅନ୍ୟ ଏକ ନିର୍ବାଚନୀ ର୍ୟାଲୀରେ ଶ୍ରୀ ଶାହା ମହାୟୁତି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିବା ସହ ରାଜ୍ୟ ସରକାର ବିକାଶ ପାଇଁ ୧୫ ଲକ୍ଷ କୋଟି ଟଙ୍କାର ବ୍ୟୟରେ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଛନ୍ତି ବୋଲି କହିଛନ୍ତି।

## ମୁମ୍ବାଇ-ହୋମ ପୋଷ୍ଟାଲ ଭୋଟିଂ

ମହାରାଷ୍ଟ୍ର ବିଧାନସଭା ପାଇଁ ମୁମ୍ବାଇର ୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଇତିମଧ୍ୟରେ ୨ହଜାର ୧୦୯ ଜଣ ବରିଷ୍ଠ ତଥା ଦିବ୍ୟାଙ୍ଗ ଭୋଟର ଘରୁ ପୋଷ୍ଟାଲ ମାଧ୍ୟମରେ ମତଦାନ କରିସାରିଛନ୍ତି । ସେମାନଙ୍କ ମଧ୍ୟରେ ୧ ହଜାର ୯୨୨ ଜଣ ବରିଷ୍ଠ ନାଗରିକ ଏବଂ ୧୮୭ ଜଣ ଦିବ୍ୟାଙ୍ଗ ଅନ୍ତର୍ଭୁକ୍ତ । ଗତ ୧୩ ତାରିଖରେ ଘରୁ ଡାକ ମାଧ୍ୟମରେ ମତଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ମୁମ୍ବାଇ ସହରର ୧୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୮୫ ବର୍ଷରୁ ଅଧିକ ବୟସ୍କ ୨ହଜାର ୧୩୯ ଜଣ ବରିଷ୍ଠ ନାଗରିକ ଏବଂ ୨୧୭ ଜଣ ଦିବ୍ୟାଙ୍ଗ ଭୋଟର ଘରୁ ଡାକ ମାଧ୍ୟମରେ ମତଦାନ ପାଇଁ ପଞ୍ଜୀକୃତ ହୋଇଥିଲେ । ଘରୁ ଡାକ ମାଧ୍ୟମରେ ମତଦାନ ପ୍ରକ୍ରିୟା ଆଜି ଶେଷ ହେଉଛି । ୨୮୮ଟି ବିଧାନସଭା ମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖରେ ଏକକ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହୋଇ ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ଇସ୍ରାଏଲ-ଲେବାନନ୍ କନଫ୍ଲିଟ୍

ଲେବାନନ୍‌ର ଉତ୍ତର-ପୂର୍ବ ଭାଗରେ ଥିବା ଏକ ଜରୁରୀକାଳୀନ ସହାୟତା କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ଯୋଗୁଁ ୧୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଆକାଶମାର୍ଗରୁ ଇସ୍ରାଏଲ ଦ୍ୱାରା ହେଉଥିବା ଏହି ଆକ୍ରମଣରେ ଉଦ୍ଧାର ଏବଂ ଜରୁରୀକାଳୀନ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବା  ଜଣାପଡ଼ିଛି । ସେଠାକାର ଆଞ୍ଚଳିକ ଗଭର୍ଣ୍ଣର ବଚିର ଖୋଦ୍ର କହିଛନ୍ତି, ବାଲବେକ୍ ସହର ନିକଟସ୍ଥ ଦୌରିସ୍‌ଠାରେ ହୋଇଥିବା ଏହି ଆକ୍ରମଣରେ ବେସାମରିକ ପ୍ରତିରକ୍ଷା ଏଜେନ୍ସିର ଏକ କୋଠା କ୍ଷତିଗ୍ରସ୍ତ ହୋଇଛି । ମୃତକଙ୍କ ମଧ୍ୟରେ ସହରର ବେସାମରିକ ପ୍ରତିରକ୍ଷା ମୁଖ୍ୟ ବିଲାର୍ଡ ରାଡ୍ ଅଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଲେବାନନ୍‌ର ସ୍ୱାସ୍ଥ୍ୟ

ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବରରୁ ଏ ପର୍ଯ୍ୟନ୍ତ ଇସ୍ରାଏଲ ବିମାନ ଆକ୍ରମଣରେ ଅତିକମ୍‌ରେ ୧୯୨ ଜଣ ଜରୁରୀକାଳୀନ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କର ମୃତ୍ୟୁ ହୋଇଛି ।

## ପୁଟିନ୍-ସ୍କଲଜ୍ ଟକ୍

ଜର୍ମାନ ଚାନ୍ସେଲର ଓଲାଫ୍ ସ୍କଲ୍‌ଜ ଗତକାଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ଦୁଇ ବର୍ଷ ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ପ୍ରଥମଥର ପାଇଁ ଏଭଳି ଆଲୋଚନା ହୋଇଥିବା ଜଣାପଡୁଛି । ଚାନ୍ସେଲର ସ୍କଲ୍‌ଜ ୟୁକ୍ରେନ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅନୁରୋଧ କରିଛନ୍ତି । ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ କିଭ୍ ସହ ଆଲୋଚନା ଆରମ୍ଭ କରିବାକୁ ସେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ କ୍ରେମଲିନ୍ କହିଛି, ବର୍ଲିନ୍‌ର ଅନୁରୋଧ କ୍ରମେ ଦୁଇ ନେତାଙ୍କ ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ ଏହି ଆଲୋଚନା ହୋଇଛି । ତେବେ ରୁଷ୍‌ର ସୁରକ୍ଷା ସ୍ୱାର୍ଥକୁ ବିଚାରକୁ ନେଇ ୟୁକ୍ରେନ୍ ସହ ଯୁଦ୍ଧ ଶେଷ କରିବା ସଂକ୍ରାନ୍ତ ଆଲୋଚନା ପାଇଁ ରାଷ୍ଟ୍ରପତି ପୁଟିନ୍’ ଜର୍ମାନ ଚାନ୍ସେଲରଙ୍କୁ କହିଛନ୍ତି । ତେବେ ଅନ୍ୟ ପକ୍ଷରେ ଏହି ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନ୍‌ସ୍କି ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଆସନ୍ତା ବର୍ଷ ପ୍ରାରମ୍ଭରେ ଜର୍ମାନ

ଏକ ଅସ୍ଥାୟୀ  ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ପରିପ୍ରେକ୍ଷୀରେ ଚାନ୍ସେଲର ସ୍କଲ୍ଜ ଏହି ଆଲୋଚନା କରିଛନ୍ତି।

## ମାଣ୍ଡବୀୟ ଇପିଏଫ୍‌ଓ

ଦେଶରେ କର୍ମଚାରୀ ଭବିଷ୍ୟତନିଧି ପାଣ୍ଠି ସଂଗଠନର କାର୍ଯ୍ୟକୁ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଉଚ୍ଚ ପ୍ରଶଂସା କରିଛନ୍ତି। ଇପିଏଫ୍‌ଓର ୭୨ତମ ପ୍ରତିଷ୍ଠା ଦିବସକୁ ସମ୍ବୋଧନ କରି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ ସଚ୍ଚୋଟତା, ସମର୍ପଣ, ସହାନୁଭୂତି ଏବଂ ବୃତ୍ତିଗତ ସର୍ବୋଚ୍ଚ ମାନଦଣ୍ଡ ବଜାୟୀ ରଖିଥିବାରୁ ଏହାର ଅଧିକାରୀ ଏବଂ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଭବିଷ୍ୟନିଧି ପୁରସ୍କାର-୨୦୨୪ ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତାଙ୍କୁ ଡକ୍ଟର ମାଣ୍ଡବୀୟ ଅଭିନନ୍ଦନ ଜଣାଇବା ସହିତ ଉନ୍ନତ ସେବା ପ୍ରଦାନ ଲକ୍ଷ୍ୟରେ ସେମାନଙ୍କର କାର୍ଯ୍ୟଶୈଳୀକୁ ଅନୁକରଣୀୟ ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ କହିଛନ୍ତି।

## ଟି-୨୦ କ୍ରିକେଟ

ଭାରତ-ଦକ୍ଷିଣ ଆଫ୍ରିକା ଚାରିଟିକିଆ ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌କୁ ଭାରତ ୩-୧ରେ ଅକ୍ତିଆର କରିଛି। ଜୋହାନ୍ସବର୍ଗଠାରେ ଗତକାଲି ଖେଳାଯାଇଥିବା ଚତୁର୍ଥ ତଥା ଅନ୍ତିମ ଟି-ଟ୍ୱେଣ୍ଟିରେ ଦକ୍ଷିଣ ଆଫ୍ରିକା ୧୩୫ ରନ୍‌ରେ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଏକ ୱିକେଟ୍ ବିନିମୟରେ ୨୮୩ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ସଞ୍ଜୁ ସାମସନ୍ ଏବଂ ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ତିଲକ

ବର୍ମାଙ୍କ ଶତକୀୟ ପାଳି ବଳରେ ଭାରତ ଏହି ବିଶାଳ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ସଞ୍ଜୁ ସାମସନ୍ ୫୬ ବଲ୍‌ରୁ ଅପରାଜିତ ୧୦୯ ରନ୍ ଏବଂ ତିଲକ ବର୍ମା ୪୭ଟି ବଲ୍‌ରୁ ଅପରାଜିତ ୧୨୦ ରନ୍ ସଂଗ୍ରହ କରିଥିଲେ। ଦୁଇଜଣଯାକ ବ୍ୟାଟ୍ସମ୍ୟାନ୍ ସହଭାଗିତାରେ ଅପରାଜିତ ୨୧୦ ରନ୍ ସଂଗ୍ରହ କରିଥିଲେ। ଟି-ଟ୍ୱେଣ୍ଟି କ୍ରିକେଟ ଇତିହାସରେ ଏହା ସର୍ବାଧିକ  ପାର୍ଟନରସିପ୍ ରନ୍। ଏହି ଇନିଂସରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ସର୍ବାଧିକ ୨୩ଟି ଛକା ମାରିଥିଲେ। ୨୮୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୮ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଅର୍ଶ୍ୱଦୀପ ସିଂ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ତିଲକ ବର୍ମାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

## ହକି

ବିହାରର ରାଜଗିରିଠାରେ ଚାଲିଥିବା ମହିଳା ଏସିଆନ୍ ଚମ୍ପିଆନସିପ୍ ଟ୍ରଫି ହକି ପ୍ରତିଯୋଗିତା ଆଜି ଭାରତ ଓ ଚୀନ୍ ମଧ୍ୟରେ ମୁକାବିଲା ହେବ। ଅପରାହ୍ନ ୪ଟା ୪୫ରେ ଏହି ମ୍ୟାଚ୍ ଆରମ୍ଭ ହେବ। ଭାରତ ତାର ପୂର୍ବ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚୀନ୍ ତା'ର ପୂର୍ବ ମ୍ୟାଚ୍‌ରେ ଜାପାନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ଉଭୟ ଦଳ ଏପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟରେ ଖେଳିଥିବା ମ୍ୟାଚ୍‌ଗୁଡ଼ିକରେ ଅପରାଜିତ ଅଛନ୍ତି। ଆଜି ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଅପରାହ୍ନ ୧୨ଟା ୧୫ରେ ମାଲେସିଆ ଜାପାନ୍‌କୁ ଭେଟୁଥିବା ବେଳେ ଅପରାହ୍ନ ସାଢ଼େ ୨ଟାରେ ଦକ୍ଷିଣ କୋରିଆ ଏବଂ ଥାଇଲାଣ୍ଡ ମଧ୍ୟରେ ମୁକାବିଲା ହେବ।